# Akashvani, Sambalpur

## SAMBALPURI NEWS EVENING BULLETIN

## 2 June 2026-7.02- 7.12 pm.

---

୧- ରାଜ୍ୟ ସର୍କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଆଏବା ୨୦ ତାରିଖ୍ ଓଡ଼ିଶା ଆସୁଛନ୍ ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀ ।

୨- ବିପର୍ଯ୍ୟୟ ପରିଚାଲନାକେ ନେଇକରି ପୁରୀ ନ ଆଏବା କାଏଲ୍‌ଠାନୁ ମୁଲ୍ ହେବା ବ୍ରିକ୍ସ ରାଷ୍ଟ୍ର ସମୂହ ବୈଠକ୍ ।

୩- ରାଜ୍ୟର୍ ଛୁଆମାନ୍‌କର୍ ସାମଗ୍ରିକ୍ ବିକାଶ୍ ଲାଗି ସର୍କାର୍ ସବୁବେଲେ ଚେଷ୍ଟା ଜାରି ରଖିଛନ୍ କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ଜୀବନ୍‌ର ପହେଲା ହଜାରେ ଦିନର୍ ଗୁରୁତ୍ୱ ଡିଜିଟାଲ୍ ବହିକେ କଲେ ଉନ୍ମୋଚନ୍ ।

ଆଉର୍

୪- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ଗୁରୁବାର୍‌ତକ୍ ପୁହୁଁଚିବା କେରଳମ୍ ।

ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଆଏବା ୨୦ ତାରିଖ୍ ମୟୁର୍‌ଭଞ୍ଜ୍ ଜିଲ୍ଲା ରାଇରଙ୍ଗ୍‌ପୁର୍ ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେବାର୍ ଲାଗି ସ୍ୱୀକୃତି ଦେଇଛନ୍ । ଇ କାର୍ଯ୍ୟକ୍ରମ୍‌ର ସଫଲ୍ ରୂପାୟନ୍ ଲାଗି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ସୁରକ୍ଷା ବ୍ୟବସ୍ଥା, ସାଧାରଣ୍ ଲୁକ୍‌କର୍ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ଲାଗି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ

ଗର୍ଗଙ୍କର୍ ସହେତେ ଭିନ୍ ଭିନ୍ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରପତି- ଛାତ୍ରବୃତି ଯୋଜ୍ନା        ଆର୍ଏନ୍ୟ/ କଟକ୍

ଶିକ୍ଷା ହେଉଛେ ସଶକ୍ତିକରଣ୍ର ଗୁଟେ ଶକ୍ତିଶାଳୀ ମାଧ୍ୟମ୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀ ଠାନେ ଆଏଜ୍ ଛାତ୍ରବୃତି ଯୋଜ୍ନାର୍ ଜନଜାତି ହିତାଧିକାରୀମାନ୍କୁ ସମ୍ବୋଧନ୍ କରିକରି ରାଷ୍ଟ୍ରପତି କହିଛନ୍, ଶିକ୍ଷା ସମ୍କୁ ଆତ୍ମନିର୍ଭରଶୀଲ୍, ସଚେତନ୍ ଆଉ ସଶକ୍ତ କର୍ସି । ସମାଜ୍ର ସବୁ ବର୍ଗ ସାମାଜିକ୍, ଆର୍ଥିକ୍ ଆଉ ଶିକ୍ଷାଗତ ଦୃଷ୍ଟିକୋଣନୁ ଉନ୍ନତ୍ ହେଲେ ବିକଶିତ୍ ରାଷ୍ଟ୍ର ଗଠନ୍ ସମ୍ଭବ୍ ହେଇପାର୍ବା ବଲି ରାଷ୍ଟ୍ରପତି କହିଛନ୍ । ସର୍କାରୀ ଛାତ୍ରବୃତି ଯୋଜ୍ନା ଜରିଏ ମିଲୁଥିବା ଉଚ୍ଚଶିକ୍ଷା ଆଉ ନୂଆଁ ସୁଯୋଗ୍ ଜନଜାତିଙ୍କର୍ ଜୀବନ୍ଶୈଲୀଥି ବ୍ୟାପକ୍ ପରିବର୍ତନ୍ ଆନିପାରିଛେ । ଦେଶେ ପ୍ରତିଭାର୍ ଅଭାବ୍ ନାଇଁନ, ହେଲେ ସେସବୁକେ ଚିହ୍ନିକରି ଆଗ୍କେ ବଢ଼୍ବାର୍ ଲାଗି ଉଚିତ୍ ମଂଚ ଦେବାର୍ ଆବଶ୍ୟକତା ରହିଛେ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପ୍ରତି)

ବ୍ରିକ୍ସ ସମ୍ମିଳନୀ ଆର୍ଏନ୍ୟୁ/ ସମ୍ବଲପୁର

ବିପର୍ଯ୍ୟୟ ପରିଚାଳନାକେ ନେଇକରି ପୁରୀ ନ ବ୍ରିକ୍ସ ରାଷ୍ଟ୍ର ସମୂହର୍ ୨ ନମ୍ବର୍ ବୈଷୟିକ୍ ବୈଠକ୍ ଆଏବା କାଏଲ୍ ଠାନୁ ମୁଲ୍ ହେବା । ବୈଠକ୍ଥି ବ୍ରିକ୍ସ ଦେଶ୍ ମାନ୍କର୍ ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍ଦେଇକରି ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ୍ କ୍ଷମତା ବଢ଼ାବାର୍ ଆଉ ଅନ୍ତର୍ଜାତୀୟ ସହଯୋଗ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଆଲୋଚନା କର୍ବେ । ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ଋଷିଆ ଆର୍ ଦକ୍ଷିଣ ଆଫ୍ରିକା ବାଗିର୍ ଦେଶର୍ ପ୍ରତିନିଧିମାନେ ସମ୍ମିଳନୀଥି ଯୋଗ୍ ଦେବେ । ଓଡ଼ିଶା ନ ବ୍ରିକ୍ସ ରାଷ୍ଟ୍ର ସମୂହକେ ନେଇକରି ଏନ୍ତା ଗୁଟେ ବୈଷୟିକ୍ ସମ୍ମିଳନୀର୍ ଆୟୋଜନ୍ ରାଜ୍ୟର୍ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରଥି ସଫଳତାକେ ବିଶ୍ୱସ୍ତର୍ ନ ଆହୁରି ସମୃଦ୍ଧ କର୍ବା ବଲି ଆଶ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନୀ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ସମ୍ମିଳନୀ ଆଏବା ଶୁକ୍ରବାର୍‌ତକ୍ ଚାଲ୍‌ବା ।

ରାଜ୍ୟ କେବିନେଟ୍        ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏବାକାଏଲ୍ ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ବସ୍‌ବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେବାର୍‌କେ ଥିବା ବୈଠକ୍‌ଥି ୮ ଟା ବିଭାଗ୍‌ର ୯ ଟା ଜରୁରୀ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲ୍‌ବାର୍ ସମ୍ଭାବନା ଅଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ବିଚାର୍‌ପତି -ଶପଥ୍ ପାଠ୍       ଏନ୍‌ଏସ୍‌ଡି

ସୁପ୍ରିମ୍‌କୋର୍ଟର ୫ ଝନ୍ ନୂଆଁକରି ନିଯୁକ୍ତି ପାଇଥିବା ବିଚାର୍‌ପତି ଆଏଜ୍ ଶପଥ୍ ନେଇଛନ୍ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍

ସୂର୍ଯ୍ୟକାନ୍ତ ସେମାନ୍‌କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ । ସୁପ୍ରିମ୍‌କୋର୍ଟ କଲେଜିୟମ୍‌ର ସୁପାରିଶ୍ ଆଧାର୍‌ଥି ସର୍‌କାର୍ ଇ ବିଚାର୍‌ପତି ମାନ୍‌କର୍ ନିଯୁକ୍ତିକେ ଅନୁମୋଦନ୍ କରିଥିଲେ । ଶପଥ୍ ନେଇଥିବା ବିଚାର୍‌ପତି ମାନ୍‌କର୍ ଭିତ୍‌ରେ ବରିଷ୍ଠ ଆଇନ୍‌ଜୀବୀ ଭି.ମୋହନାଙ୍କର୍ ସହେତେ ଜଷ୍ଟିସ୍ ସିଲ୍ ନାଗୁ, ଜଷ୍ଟିସ୍ ଶ୍ରୀଚନ୍ଦ୍ରଶେଖର୍, ଜଷ୍ଟିସ୍ ସଞ୍ଜିବ୍ ସଚଦେବା ଆଉ ଜଷ୍ଟିସ୍ ଅରୁଣ୍ ପାଲ୍ଲୀ ପ୍ରମୁଖ ଅଛନ୍ ।

ଜାତୀୟ ପଂଚାୟତ୍ ପୁରସ୍କାର ଏନ୍‌ଏସ୍‌ଡି

ନୂଆଦିଲ୍ଲୀ ଠାନେ ଆଏବା କାଏଲ୍ ଜାତୀୟ ପଂଚାୟତ୍ ପୁରସ୍କାର୍ ୨୦୨୫ ପ୍ରଦାନ୍ ସମାରୋହ ହେବା । ଦେଶର୍ ୪୨ ଟା ଉତ୍କୃଷ୍ଟ ପଂଚାୟତ୍‌କେ ଇଥି ପୁରସ୍କାର୍ ଦିଆଯିବା । ଦୀନ୍‌ଦୟାଲ୍ ଉପାଧ୍ୟାୟ ପଂଚାୟତ୍ ଶତତ ବିକାଶ୍ ପୁରସ୍କାର୍ ବର୍ଗଥି ୩୪ ଟା ଗ୍ରାମ୍ ପଂଚାୟତ୍ ଆଉ ନାନାଦି ଦେଶ୍‌ମୁଖ ସର୍ବୋତମ୍ ପଂଚାୟତ ଶତତ ବିକାଶ୍ ପୁରସ୍କାର୍ ବର୍ଗଥି ୮ ଟା

ପଂଚାୟତ୍‌କେ ପୁରସ୍କୃତ୍ କରାଯିବା । ଇଥି ଓଡ଼ିଶାର୍ ୫ ଟା ପଂଚାୟତ୍ ସାମିଲ୍ ଅଛନ୍ ।

ଉପମୁଖ୍ୟମନ୍ତ୍ରୀ- ଶିଶୁଖାଦ୍ୟ            ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଛୁଆମାନ୍‌କର୍ ସାମଗ୍ରିକ୍ ବିକାଶ୍ ଲାଗି ସର୍‌କାର୍ ସବୁବେଲେ ଚେଷ୍ଟା ଜାରି ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଉପମୁଖ୍ୟମନ୍ତ୍ରୀ ରାଜ୍ୟର୍ ଅତି କମ୍ ଉଜନ୍ ଥିବା ଛୁଆମାନ୍‌କୁ ଦିଆଯାଉଥିବା ଖାଏବାର୍ ଦରବ୍ ଆଉ ପ୍ରାକ୍ ବିଦ୍ୟାଲୟର୍ ଛୁଆମାନ୍‌କର୍ ଲାଗି ଥିବା ସଖାଲର୍ ଜଲ୍‌ଖିଆର୍ ଦାମ୍ ବଡ଼ାବାର୍ ବ୍ୟବସ୍ଥାର୍ ଶୁଭାରମ୍ଭ କରିଛନ୍ । ରାଜ୍ୟର୍ ୬ ମାସ୍‌ନୁ ୬ ବଛର୍‌ତକ୍ ପାଖାପାଖି ୩୫ ହଜାର୍ ଛୁଆମାନ୍‌କର୍ ଫି’ ଦିନର୍ ଖାଏବାର୍ ଖର୍ଚ୍ଚା ୮ ନୁ ୧୮ ଟଙ୍କାକେ ବଡ଼ାଯାଇଛେ । ଇଥି ପୁଷ୍ଟି ଖାଦ୍ୟ ବାବଦ୍ ୧୨ ଟଙ୍କା ଆଉ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜ୍‌ନାଥି ଅତିରିକ୍ତ ୬ ଟଙ୍କା ସାମିଲ୍ ଅଛେ । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ୧୦ କୋଟି ୭ ଲାଖ୍ ଟଙ୍କା ଅଏତ୍‌କା ଖର୍ଚ୍ଚା କର୍‌ବେ ବଲି ଜନାପଡ଼ିଛେ ।

ଇ ଅବ୍ସରେ ଶ୍ରୀମତୀ ପରିଡ଼ା ଛୁଆମାନ୍କର୍ ସାମଗ୍ରିକ୍ ବିକାଶ୍ ଲାଗି ଜୀବନ୍ର ପହେଲା ହଜାରେ ଦିନର୍ ଡିଜିଟାଲ୍ ବହିର୍ ଭିଲ୍ ଉନ୍ମୋଚନ୍ କରିଛନ୍ । ଇ ବହିଥି ଓଡ଼ିଆ ଭାଷାଥି ଅତି ସରଳ ଭାବେ ସବୁ ସ୍ତର୍ ଆଉ ଛୁଆମାନ୍କର୍ ଯତନ୍ ବାବ୍ଦେ ବୁଝାଯାଇଛେ । ରାଜ୍ୟର୍ ସବୁ ଅଙ୍ଗନବାଡ଼ି କର୍ମୀ ଆଉ ହିତାଧିକାରୀମାନ୍କୁ ଇ ବହି ପୁହୁଁଚାବାର୍ ଲାଗି ଚେଷ୍ଟା ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ଥି ବିଭାଗୀୟ କମିଶନର୍ ଆଉ ଶାସନ୍ ସଚିବ ମୃଣାଳିନୀ ଦର୍ଶଓ୍ୱାଲ୍ ଆଉ ୩୦ ଟା ଯାକ ଜିଲ୍ଲାର୍ ପ୍ରଶାସନିକ୍ ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ସିବିଏସ୍ଇ ପୋର୍ଟାଲ୍ ଆର୍ଏନ୍ୟୁ/ କଟକ୍

ଛାତ୍ରଛାତ୍ରୀମାନ୍କର୍ ଉତର୍ଖାତାର୍ ପୁନଃ ମୂଲ୍ୟାୟନ୍ ଲାଗି ଥିବା ପେର୍ଟାଲ୍ ଆଏଜ୍ଠାନୁ କାର୍ଯ୍ୟକ୍ଷମ୍ ହେଇଛେ ବଲି କେନ୍ଦ୍ରୀୟ ମାଧ୍ୟମିକ୍ ଶିକ୍ଷା ବୋର୍ଡ଼ - ସିବିଏସ୍ଇ ତର୍ଫୁ କୁହାଯାଇଛେ । ଆଏବା ୬ ତାରିଖ୍ତକ୍ ଇ ପୋର୍ଟାଲ୍ ଖୁଲାରହେବା ।

ସିବିଏସ୍ଇ ଦେଇଥିବା ସୂଚ୍ନା ଅନ୍ସାରେ ସୁଝାଯାଇଥିବା ଉତର୍ ଖାତାର୍ ସ୍କେନ୍ କପି ପାଇଥିବା ଛାତ୍ରଛାତ୍ରୀମାନେ ଇ ପୋର୍ଟାଲ୍ଥି ଆବେଦନ୍ କରିପାର୍ବେ । ଆବେଦନ୍ ଆଉ ମୂଲ୍ୟାୟନ୍ ଯାଂଚ୍ ପ୍ରକ୍ରିୟାକେ ସୁରକ୍ଷିତ୍ ରଖ୍ବାର୍ ଲାଗି ଆବେଦନ୍ ସମିଆଥି ଛାତ୍ରଛାତ୍ରୀମାନ୍କର୍ ଆଧାର୍କାର୍ଡ୍ ପୋର୍ଟାଲ୍ଥି ସଂଯୋଗ୍ କର୍ବାର୍କେ ପଡ୍ବା । ଆଧାର୍ କାର୍ଡ୍ ନାଇଁଥିବା ଛାତ୍ରଛାତ୍ରୀମାନ୍କର୍ କ୍ଷେତ୍ରଥି ସେମାନ୍କର୍ ମା’ ବାପା ନାହେତ ଅଭିଭାବକ୍ଙ୍କର୍ ଆଧାର୍ ତଥ୍ୟ ଦିଆଯାଇପାର୍ବା । ଛାତ୍ରଛାତ୍ରୀମାନ୍କୁ ଦିଆଯାଇଥିବା ଫି’ ଉତର୍ଖାତା ସ୍କେନ୍ କପି ଲାଗି ଶହେ ଟଙ୍କା ଲେଖା ଆଉ ଫି’ ପ୍ରଶ୍ନ ଲାଗି ପୁନଃ ମୂଲ୍ୟାଙ୍କନ୍ ବାବ୍ଦେ ୨୫ ଟଙ୍କା ଫିସ୍ ଦାଖଲ୍ କର୍ବାର୍କେ ପଡ୍ବା । ମୂଲ୍ୟାଙ୍କନ୍ ହେଇଥିବା ଉତର୍ ଖାତାର୍ ଯାଂଚ୍ ଆଉ ପୁନଃ ମୂଲ୍ୟାୟନ୍ ଲାଗି ଆବେଦନ୍ କର୍ବାର୍ ପ୍ରକ୍ରିୟା ବାବ୍ଦେ ସିବିଏସ୍ଇ ତର୍ଫୁ ସୂଚ୍ନା ଦିଆଯାଇଛେ । ଇଥିର୍ଲାଗି ଥିବା ଟ୍ୟୁଟୋରିଆଲ୍ ଭିଡ଼ିଓକେ ଦେଖ୍ବାର୍ ଲାଗି ସିବିଏସ୍ଇ ତର୍ଫୁ ପରାମର୍ଶ ଦିଆଯାଇଛେ ।

ସାକୁରା ସାଇନ୍ସ ହାଇସ୍କୁଲ୍ ପ୍ରୋଗ୍ରାମ ଆଇ.ଆଣ୍ଡ୍.ପି.ଆର୍

ଜାପାନ୍ ସାଇନ୍ସ ଏଣ୍ଡ୍ ଟେକ୍ନୋଲୋଜି ଏଜେନ୍ସି ତରଫୁ ଆୟୋଜିତ୍ ସାକୁରା ସାଇନ୍ସ ହାଇସ୍କୁଲ୍ ପ୍ରୋଗ୍ରାମ୍ -୨୦୨୬ ଥି ଓଡ଼ିଶାର୍ ୪ ଝନ୍ ମେଧାବୀ ଛାତ୍ରଛାତ୍ରୀ ଭାରତ୍‌ର ପ୍ରତିନିଧିତ୍ୱ କରିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ଗଲା ମେ ୨୧ ନୁ ୩୧ ତାରିଖ୍‌ତକ୍ ୧୦ ଦିନିଆ ଜାପାନ୍ ଗସ୍ତଥି ଯାଇକରି ସେମାନେ ତୁସୁକୁବା, ଆସାକୁସା ସହର୍ ବୁଲିଥିଲେ ଆଉ ଶିବାଉରା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଉ କାସିବା ଜୁନିୟର୍ ଏଣ୍ଡ୍ ସିନିୟର୍ ହାଇସ୍କୁଲ୍‌ଥି ଶୈକ୍ଷିକ୍ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିଲେ । ସମ୍ବଲ୍‌ପୁର୍‌ର ଆଦ୍ୟାଶା ପଣ୍ଡା, କେନ୍ଦୁଝର୍‌ର ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ୍, କୋରାପୁଟ୍‌ର ଶୁଭମ୍ ନାୟକ୍ ଆଉ ଭୁବ୍‌ନେଶ୍ୱର୍‌ର ବିଷ୍ଣୁ ପ୍ରସାଦ୍ ଜେନା ଜାପାନ୍ ଗସ୍ତଥି ଯାଇଥିଲେ । ଇମାନ୍‌କର୍ ଇ ସଫଳତା ରାଜ୍ୟର୍ ଅଲ୍‌ଗା ଯୁବ ଶିକ୍ଷାର୍ଥୀମାନ୍‌କୁ ପ୍ରେରଣା ଦେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ କହିଛେ ।

ବସ୍ ଭଡ଼ା ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ବସ୍ ଭଡ଼ା ବଢ଼ିଛେ । ଆଏଜ୍‌ଠାନୁ ବଢ଼ିଥିବା ବସ୍ ଭଡ଼ା ଲାଗୁ ହେଇଥିବା ବାବ୍‌ଦେ ରାଜ୍ୟ ପରିବହନ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସାଧାରଣ୍ ଏକ୍ସପ୍ରେସ୍ ବସ୍‌ଭଡ଼ା କିଲୋମିଟର୍ ପିଛା ୨ ପଏସା ବଢ଼ାଯାଇଛେ । ସେନ୍ତା ଡିଲକ୍ସ ଆଉ ଏସି ଡିଲକ୍ସ କିଲୋମିଟର୍ ପିଛା ୪ ପଏସା ଲେଖା ଆଉ ସୁପର୍ ଡିଲକ୍ସ ବସ୍ ଭଡ଼ା ୬ ପଏସା ବଢ଼ିଛେ ।

୪ ଟା ବାଘ୍ ଛୁଆ ଏକ୍ସ

ଶିମିଲିପାଲ୍ ଅଭୟାରଣ୍ୟ ନ ମାଇ ବାଘ୍ ଜୀନତ୍ ଆଏଜ୍ ୪ ଟା ଛୁଆଙ୍କୁ ଜନମ୍ ଦେଇଛେ ବଲି ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ର ପୋଷ୍ଟ୍‌ଥି କହିଛନ୍, ଇ ସଫଲତା ରାଏଜେ ବାଘ୍

ସଂଖ୍ୟାକେ ବଢ଼ାବାର୍ ସହେତେ ଜୈବ ବିବିଧତାର୍ ସୁରକ୍ଷା ଆଉ ବନ୍ୟଜନ୍ତୁ ମାନ୍‌କର୍ ଲାଗି ଗୁଟେ ନିରାପଦ୍ ରହେବାର୍ ସ୍ଥଲୀ ସୃଷ୍ଟି କର୍‌ବାର୍‌ଥି ପ୍ରଶାସନିକ୍ ଦୂରଦୃଷ୍ଟିର୍ ଗୁଟେ ବର୍‌କସ୍ ଉଦାହରଣ୍ ହେଇଛେ । ମା ଆଉ ଛୁଆମାନ୍‌କର୍ ସୁରକ୍ଷା ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଖାସ୍ ପଦକ୍ଷେପ୍ ନିଆଯାଇଛେ । ୨୦୨୪ ମସିହା ନଭେମ୍ବର୍ ମାସେ ମହାରାଷ୍ଟ୍ରର୍ ଟାଡୋବା - ଅନ୍ଧାରି ବ୍ୟାଘ୍ର ସଂରକ୍ଷଣ୍ ପ୍ରକଳ୍ପନୁ ଜିନତ୍‌କେ ଶିମିଲିପାଲ୍ ଅନାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ଗୁରୁବାର୍‌ତକ୍ କେରଳମ୍ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ଆକଲନ୍ କରିଛେ । ମୌସୁମୀ ଆଗ୍‌କେ ବଢ଼୍‌ବାର୍ ଲାଗି ପାଗ୍ ଅନୁକୂଳ ରହିଛେ । ଦକ୍ଷିଣ୍ ପଶ୍ଚିମ, ଦକ୍ଷିଣ ପୂର୍ବ ଆରବ୍‌ସାଗର୍, ଲାକ୍ଷାଦ୍ୱୀପ୍, କେରଳମ୍ ଆଉ ତାମିଲ୍‌ନାଡୁର କିଛି ଭାଗ୍‌କେ ମୌସୁମୀ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍

କରାଯାଇଛେ । ରାଏଜେ କାଲ୍‌ବୈଶାଖୀର୍ ବଲେ ହେଇଥିବା ବର୍ଷାର୍ ଲାଗି ତାପମାତ୍ରା କମିଥିଲେ ଭିଲ୍ ଗୁଲ୍‌ଗୁଲି ହେଉଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୨୩ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।